# ମୁକ୍ତେଶ୍ବର ଉତ୍ସବର ଦ୍ବିତୀୟ ସଂଧ୍ୟାରେ ଆହେ ନୀଳ ଶଇଳ ଅଭିନୟରେ ଦର୍ଶକ ବିଭୋର

ଭୁବନେଶ୍ବର - ତା ୧୫.୦୧.୨୦୧୭ - ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ବାରା ଆୟୋଜିତ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ବାରା ସଂଚାଳିତ ମୁକ୍ତେଶ୍ବର ଉତ୍ସବର ଦ୍ବିତୀୟ ସଂଧ୍ୟାରେ ଭରପୁର ଦର୍ଶକ ଓଡ଼ିଶୀ ନୃତ୍ୟକୁ ଉପଭୋଗ କରିଥିଲେ । ସଂଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସଙ୍ଗୀତା ପଣ୍ଡା ଓ ସାଥୀଙ୍କ ଦ୍ବାରା ଉମା ମହେଶ୍ବର ସ୍ତୋତ୍ରମ୍ ରୁ । ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ଗୁରୁ ପଙ୍କଜ ପ୍ରଧାନ ପରିବେଷଣ କରିଥିଲେ ମହାଭାରତର ବେଲାଳଶେନ, ଯାହା ରାଗ-ମାଳିକା ଓ ତାଳ-ମାଳିକା ଉପରେ ପର୍ଯ୍ୟବେଶିତ ଥିଲା, ଯାହାର ସଂଗୀତ ପରିବେଷଣ କରିଥିଲେ ସୁମନ୍ତ ମହାନ୍ତି, ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ବର ସ୍ବାଇଁ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ଅରୁଣା ମହାନ୍ତି । ପରେ ପରେ ଓଡ଼ିଶୀ ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ସଚ୍ଚିକାନ୍ତ ପ୍ରଧାନ ଓ ସ୍ବାଗତିକା ସାହୁଙ୍କ ଦ୍ବାରା ମଙ୍ଗଳା ଚରଣରେ କଳ୍ପତରୁ ପରିବେଶିତ ହୋଇଥିଲା ଯାହାର ସଂଗୀତ ପରିବେଶଣ କରିଥିଲେ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଓ ତାଳ ପରିବେଷଣ କରିଥିଲେ ଗୁରୁ ଧନେଶ୍ବର ସ୍ବାଇଁ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ନବ କିଶୋର ମହାନ୍ତି ।

ସଂଧ୍ୟାର ଶେଷ କାର୍ଯ୍ୟକ୍ରମ ଥିଲା ସୂଦୁର ବାଙ୍ଗାଲୁରୁରୁ ଆସିଥିବା ସର୍ମିଳା ମୁଖାର୍ଜୀ ଓ ସାଥୀ ଙ୍କ ଦ୍ବାରା ଦଳଗତ ଓଡ଼ିଶୀ ନୃତ୍ୟ । ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଓଡ଼ିଶୀ ନୃତ୍ୟାଭିନୟ ମଙ୍ଗଳାଚରଣ ପରେ ପରେ ପଲ୍ଲବୀ ଯାହା ରାଗ ଚାରୁକେଶି ଓ ତାଳ ଏକତାଳି ଉପରେ ପର୍ଯ୍ୟବେଶିତ ଥିଲା । ସେମାନଙ୍କର ଅନ୍ତିମ ପ୍ରସ୍ତୁତି ଥିଲା ଅଭିନୟ ଆହେ ନୀଳ ଶଇଳ ଯାହା ରାଗ ଆରଭି ଓ ତାଳ ଯତି ଉପରେ ନିବିଦ୍ଧ ଥିଲା । ତାଙ୍କର ସମସ୍ତ ପ୍ରସ୍ତୁତିକୁ ନୃତ୍ୟ ସଂରଚନା କରିଥିଲେ ନିଜେ ଗୁରୁ ସର୍ମିଳା ମୁଖାର୍ଜୀ । ଶୀତୁଆ ସଂଧ୍ୟା ସତ୍ତ୍ବେ ଭରପୁର ଦର୍ଶକ ତାଙ୍କର ଏହି ନୃତ୍ୟକୁ ଶେଷ ପର୍ଯ୍ୟନ୍ତ ଉପଭୋଗ କରିଥିଲେ ।

ଆଜିର ଦ୍ବିତୀୟ ସନ୍ଧ୍ୟାରେ ପ୍ରଦୀପ ପ୍ରଜ୍ବୋଳନପୂର୍ବକ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ଅଜିତ ସିଂହ, ବରିଷ୍ଠ ସାମ୍ବାଦିକ ମିସ୍ ଆଞ୍ଜେଲା, ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ଆରତୀ ଆହୁଜା ଏବଂ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ନିତୀନ ଭାନୁଦାସ ଜାୱଲେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।